## OFFICE OF THE DISTRICT MAGISTRATE & COLLECTOR, PURI

**Land Acquisition Cell, Security Zone, Shree Jagannath Temple, Puri.**

**Letter No** 1277 **/R&R., Dt** 22.10.2020

To

The District Informatics officer, NIC, Puri

Sub: Uploading of recommendation report of Multidisciplinary Expert Group on evaluation of Social impact Assessment report for the Project "Development Heritage Security Corridor around Shree Jagannath Temple, Puri" in the District website.

Sir,

With reference to the subject cited above, I am to say that the recommendation report of Multidisciplinary Expert Group meeting was held on 21.10.2020 at 11.00AM on evaluation of Social impact Assessment report for the Project "Development Heritage Security Corridor around Shree Jagannath Temple, Puri". The Multidisciplinary Expert Group has submitted their report with valuable suggestions therein. You are hereby requested to upload the same **in District website as required U**/s 7 of RFCTLAR&R Act-2013 and under rule-16 ORFCTLAR&R rules-2016.

Yours faithfully,

22/10/2020

**Land Acquisition Officer,**
**Security Zone, S.J.T, Puri.**

Memo No__________/Dt________________

Copy with recommendation report of Multidisciplinary Expert Group submitted to Executive Officer, Municipality, Puri for information and necessary action.

**Land Acquisition Officer,**
**Security Zone, S.J.T, Puri.**

Memo No__________/Dt________________

Copy with recommendation report of Multidisciplinary Expert Group submitted to Sub- Collector, Puri & Tahasildar, Puri for information and requested to make wide publicity.Copy to Notice Board for publication.

**Land Acquisition Officer,**
**Security Zone, S.J.T, Puri.**

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ

(ପୁରୀ ଜିଲ୍ଲାର ପୁରୀ ତହସିଲ ଅନ୍ତର୍ଗତ ୫ ଗୋଟି ଗ୍ରାମ ର ୭ ଗୋଟି ୱାର୍ଡରେ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମ୍ପର୍କେ)

**ବୈଧାନିକ ବ୍ୟବସ୍ଥା**

ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପ ପାଇଁ ପୁରୀ ଜିଲ୍ଲାର ପୁରୀ ତହସିଲ ଅନ୍ତର୍ଗତ ୫ ଗୋଟି ଗ୍ରାମରେ ଏ ୧୫.୧୯୧୫ ଡିସିମିଲି ବ୍ୟକ୍ତିଗତ ମାଲିକାନ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମାଲିକାନା ଓ ସରକାରୀ ଜମି ଅଧିଗ୍ରହଣ ନିମନ୍ତେ ରାସ୍ତା ଓ ପୂର୍ତ୍ତ ବିଭାଗ, ପୁରୀ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବାପରେ ତତସମ୍ପର୍କେ "ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନା ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ନିମ୍ନମତେ ପ୍ରକାଶିତ ହୋଇଅଛି।

### ଅଧିସୂଚନା:-

| କ୍ରମିକ ନଂ | ତହସିଲ | ଗ୍ରାମ/ମୌଜା | ପ୍ରସ୍ତାବିତ ଅଧିଗ୍ରହଣ | ଅଧିକ ଜମି ଅଧିଗ୍ରହଣ | ସର୍ବମୋଟ ଜମି |
|---|---|---|---|---|---|
| ୧ | ପୁରୀ | ବାସୁଳିସାହି, ମଣିକର୍ଣ୍ଣିକାସାହି,କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ଚୁଡଙ୍ଗ ସାହି | ୧୫.୧୯୧୫ | ୦.୪୫୯୫ | ୧୫.୬୫୧୦ |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ " ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱରକୁ ହସ୍ତାନ୍ତର କରଯାଇଥିଲା । ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ସିଟ୍ରାନ କନସଲଟିଙ୍ଗ ଲିମିଟେଡ ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟୀତ୍ୱ ଅର୍ପଣ କରିଥିଲେ ।

ଏହି  ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଆୟର ପନ୍ଥା, ପ୍ରିବାରର ମୋଟ ବ୍ୟୟ  ପରିବାର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡି ବ୍ୟବସାୟିକ ସ୍ଥଳୀ ବା ଆମ୍ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା, ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)" ମଧ୍ୟ ପ୍ରସ୍ତୁତ କରାଯାଇଛି ।

## ଜନଶୁଣାଣି (ଧାରା-୫)

"ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣ ଥଇଥାନ ଓ ପୁନର୍ବାସ ଆଇନ-୨୦୧୩ ଧାରା ୫ ଅନୁସାରେ ୫ ଗୋଟି ପ୍ରଭାବିତ ମୌଜା ଯଥା- ବାସୁଳିସାହି, ମଣିକର୍ଣ୍ଣିକାସାହି, ଚୂଡଙ୍ଗସାହି, କାଳିକାଦେବୀସାହି ଓ ଦୋଳମଣ୍ଡପସାହି ର ୭ ଗୋଟି ୱାର୍ଡ -୨,୩,୪,୯,୧୨,୧୫,ଓ ୧୭ ତା-୦୯.୧୦.୨୦୨୦ ରିଖରେ ଜନଶୁଣାଣି କାର୍ଯ୍ୟକ୍ରମ ନୀଳାଦ୍ରି ଭକ୍ତ ନିବାସ ବଡଦାଣ୍ଡ, ପୁରୀରେ ଆୟୋଜନ କରଯାଇଥିଲା । ପ୍ରଭାବିତ ୱାର୍ଡ ମାନଙ୍କରେ ଜନଶୁଣାଣି  ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ଯେଉଁ ବ୍ୟକ୍ତିମାନେ କୋଭିଡ ନିୟମାବଳୀ  ପାଇଁ ଜନଶୁଣାଣିକୁ ସ୍ଥାନ କୁ  ଆସିପାରିବେ ନାହିଁ, ସେମାନଙ୍କ ପାଇଁ Google Meet ମାଧ୍ୟମରେ ଏକ online Virtual ଜନଶୁଣାଣି ସନ୍ଧ୍ୟା ୬ ଘଟିକା ତା-୦୯.୧୦.୨୦୨୦ ରିଖରେ ଆୟୋଜନ କରାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ନୀଳାଦ୍ରି ଭକ୍ତ ନିବାସ, ବଡଦାଣ୍ଡ, ପୁରୀରେ ୱାର୍ଡ ଅନୁସାରେ ଆୟୋଜନ କରଯାଇଥିଲା, ଉକ୍ତ ଜନଶୁଣାଣି ଗୁଡିକର ବିଶଦ ବିବରଣୀ ଚୂଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣର ଅନୁଧ୍ୟାନ ସର୍ବେକ୍ଷଣ ବିବରଣୀ ବର୍ଣ୍ଣନା ହୋଇଅଛି।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ୱାର୍ଡବାସିମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ପ୍ରଭାବିତ ଜମିକୁ  ପ୍ରକଳ୍ପ ପାଇଁ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ।

## ପ୍ରକାଶନ(ଧାରା-୬)

ସମସ୍ତ ୭ ଗୋଟି ପ୍ରଭାବିତ ୱାର୍ଡର ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା " ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନର ଧାରା ୬ ମତେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣ କେନ୍ଦ୍ର ଚିଠି ସଂଖ୍ୟା- ୫୮୨, ତା ୧୯.୧୦.୨୦୨୦ ଦ୍ୱାରା ବିଧିବଦ୍ଧ ଭାବେ ପ୍ରକାଶନ କରଯାଇଥିଲା ।

## ଆଇନର ଧାରା ୭ ଉପଧାରା ୧ ଅନୁସାରେ " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡାନ୍ତ ସାମାଜିକ ପ୍ରଭାବ ଆଇନର ଅଧ୍ୟୟନ ମୂଲ୍ୟାୟନ ଓ ସୁପାରିଶ:-

"ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ  ଆଇନ ୨୦୧୩" ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା " ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ହୋଇଅଛି ।

ତେଣୁ ଉକ୍ତ ଆଇନର ଧାରା (୭) ଉପଧାରା (୧) ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ " ବିଶେଷଜ୍ଞ ଦଳ" ଜିଲ୍ଲାପାଳ, ପୁରୀଙ୍କ ଚିଠି ସଂଖ୍ୟା ୧୨୩୪/ ତା-୧୫.୧୦.୨୦୨୦ ଦ୍ୱାରା ଗଠନ କରାଯାଇଅଛି।

ସ୍ୱତନ୍ତ୍ର- ବହୁଦର୍ଶୀ ବିଶେଷଜ୍ଞ ଦଳ

| | | | |
|---|---|---|---|
| ୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ | | - | ଅଧ୍ୟକ୍ଷ- ତଥା ବୈଷୟିକ ବିଶେଷଜ୍ଞ |
| ୨. ଶ୍ରୀଯୁକ୍ତ ଭବତାରଣ ସାହୁ, ଉପଜିଲ୍ଲାପାଳ, ପୁରୀ | | - | ସଭ୍ୟ - ତଥା- ଆବାହକ |
| ୩. ଡ: ରବୀନ୍ଦ୍ର ନାଥ ମିଶ୍ର, | ଅବସରପ୍ରାପ୍ତ ଅଧ୍ୟକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ | - | ସାମାଜିକ ବିଶେଷଜ୍ଞ |
| ୪. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, | ଅବସରପ୍ରାପ୍ତ ଅଧ୍ୟାପକ ସାମାଜିକ ବିଜ୍ଞାନ | - | ସାମାଜିକ ବିଶେଷଜ୍ଞ |
| ୫. ଶ୍ରୀ ଲମ୍ବୋଧର ସାହୁ, | ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ | - | ଥଇଥାନ ବିଶେଷଜ୍ଞ |
| ୬. ଶ୍ରୀ ଲିଙ୍ଗରାଜ ପଣ୍ଡା, | ଉପଦେଷ୍ଟା ଥଇଥାନ ଓ ପୁନର୍ବାସ | - | ଥଇଥାନ ବିଶେଷଜ୍ଞ |
| ୭. ଶ୍ରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ପୁରୀ ପୌରପାଳିକା | | - | ପୌରପାଳିକା ପ୍ରତିନିଧି |
| ୮. ଶ୍ରୀ ସ୍ୱାଧୀନ କୁମାର ନାୟକ, | ଚେୟାରମ୍ୟାନ , ଅସ୍ତରଙ୍ଗ ପଞ୍ଚାୟତ ସମିତି | - | ପଞ୍ଚାୟତ ପ୍ରତିନିଧି |

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଅଧ୍ୟକ୍ଷ ରୁପେ ମନୋନିତ କରାଯାଇଛି। ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ନିର୍ଦ୍ଧାରିତ ସମୀକ୍ଷା ବୈଠକ ପ୍ରସ୍ତୁତି ପାଇଁ ତା-୧୯.୧୦.୨୦୨୦ ସନ୍ଧ୍ୟା ୫ ଘଟିକା ସମୟରେ ଏକ Online Virtual ବୈଠକ Google Meet ମାଧ୍ୟମରେ ଆୟୋଜିତ କରାଯାଇଥିଲା । ଏହି ବୈଠକରେ ସମସ୍ତ ବିଶେଷଜ୍ଞ ଦଳର ସଦସ୍ୟ, ଭୂ-ଅର୍ଜନ ଅଧିକାରୀ, ପୁରୀ, ଉପ-ଜିଲ୍ଲାପାଳ, ପୁରୀ, ଅତିରିକ୍ତ ଜିଲ୍ଲାପାଳ (ଥଇଥାନ ଓ ବିସ୍ଥାପନ), ପୁରୀ ଓ ଜିଲ୍ଲାପାଳ, ପୁରୀ ଏହି ବୈଠକରେ ଭାଗ ନେଇଥିଲେ ।

## ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା-୨୧.୧୦.୨୦୨୦ ରିଖ ପୂର୍ବାହ୍ନ ଘ:୧୧ ଣ୍ଟା ସମୟରେ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ, ପୁରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।

ନିମ୍ନ ଲିଖିତ ସଦସ୍ୟମାନେ ଉପସ୍ଥିତ ଥିଲେ ।

| | | | |
|---|---|---|---|
| ୧. ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ | | - | ଅଧ୍ୟକ୍ଷ- ତଥା ବୈଷୟିକ ବିଶେଷଜ୍ଞ |
| ୨. ଶ୍ରୀଯୁକ୍ତ ଭବତାରଣ ସାହୁ, ଉପଜିଲ୍ଲାପାଳ, ପୁରୀ | | - | ସଭ୍ୟ - ତଥା- ଆବାହକ |
| ୩. ଡ: ରବୀନ୍ଦ୍ର ନାଥ ମିଶ୍ର, | ଅବସରପ୍ରାପ୍ତ ଅଧ୍ୟକ୍ଷ, ସୁରଜମଲ ସାହା ମହାବିଦ୍ୟାଳୟ | - | ସାମାଜିକ ବିଶେଷଜ୍ଞ |
| ୪. ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, | ଅବସରପ୍ରାପ୍ତ ଅଧ୍ୟାପକ ସାମାଜିକ ବିଜ୍ଞାନ | - | ସାମାଜିକ ବିଶେଷଜ୍ଞ |
| ୫. ଶ୍ରୀ ଲମ୍ବୋଧର ସାହୁ, | ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ | - | ଥଇଥାନ ବିଶେଷଜ୍ଞ |
| ୬. ଶ୍ରୀ ଲିଙ୍ଗରାଜ ପଣ୍ଡା, | ଉପଦେଷ୍ଟା ଥଇଥାନ ଓ ପୁନର୍ବାସ | - | ଥଇଥାନ ବିଶେଷଜ୍ଞ |
| ୭. ଶ୍ରୀ ବୃନ୍ଦାବନ ପତି, ପ୍ରବର୍ତନ ଅଧିକାରୀ, ପୁରୀ ପୌରପାଳିକା | | - | ପୌରପାଳିକା ପ୍ରତିନିଧି |
| ୮. ଶ୍ରୀ ସ୍ୱାଧୀନ କୁମାର ନାୟକ, | ଚେୟାରମ୍ୟାନ , ଅସ୍ତରଙ୍ଗ ପଞ୍ଚାୟତ ସମିତି | - | ପଞ୍ଚାୟତ ପ୍ରତିନିଧି |

ବୈଠକର ପ୍ରାରମ୍ଭରେ ଅଧ୍ୟକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଉପ-ଜିଲ୍ଲାପାଳ ତଥା ଆବାହକ ଶ୍ରୀ ଭବତାରଣ ସାହୁ, ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ ଓ ଉପସ୍ଥିତ ଥିବା ସମସ୍ତ ସରକାରୀ ବୃନ୍ଦଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ସେମାନଙ୍କ ପରିଚୟ ପ୍ରଦାନ କରିଥିଲେ । ତତପରେ ଆଲୋଚ୍ୟ ବିଷୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରଭାବିତ ୱାର୍ଡ ମାନଙ୍କର ଭିତ୍ତିଭୂମି ଜନଶୁଣାଣିର ସାରାଂଶ, କ୍ଷତିଗ୍ରସ୍ତ ପରିବାରଙ୍କ ଜୀବନ ଜୀବିକା, ଅଧିଗ୍ରହଣ ହେବାକୁ ଥିବା ବ୍ୟକ୍ତିଗତ ଜମି ଜମାର ସମସ୍ୟା, କ୍ଷତିଗ୍ରସ୍ତ ହେଉଥିବା ସରକାରୀ ଅନୁଷ୍ଠାନ କୋଠାବାଡି, ରାସ୍ତା ଏବଂ ବିସ୍ଥାପିତ ହେଉଥିବା ପରିବାରଙ୍କ ସ୍ଥିତି ନେଇ ଆଲୋଚନା ହୋଇଥିଲା ।

ବରିଷ୍ଠ ପ୍ରକଳ୍ପ ପରିଚାଳକ, ଓଡିଶା ସେତୁ ନିର୍ମାଣ ନିଗମ ଲି. ଭୁବନେଶ୍ୱର Power point presentation ମାଧ୍ୟମରେ ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପର ନକ୍ସା ଓ ପରିକଳ୍ପନାକୁ ବିଶେଷଜ୍ଞ ଦଳ ସାମ୍ନାରେ ପ୍ରସ୍ତୁତ କଲେ । ତାହାପରେ ଅବାହକଙ୍କ ଅନୁରୋଧରେ ଭୂମିପୁତ୍ର ସଂସ୍ଥା ଦ୍ୱାରା Auto CAD Design ରେ ପ୍ରସ୍ତୁତ Virtual ପ୍ରକଳ୍ପକୁ ଉପସ୍ଥିତ ବିଶେଷଜ୍ଞ ଦଳ ଆଗରେ ଉପସ୍ଥାପନ କଲେ ।

ଭୂମି ଅଧିଗ୍ରହଣ ଅଧିକାରୀ ନବ କୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ହୋଇଥିବା ସାମାଜିକ ମୂଲ୍ୟାୟନ ପ୍ରଭାବ ପୁସ୍ତକକୁ ଗୃହରେ ପଢି ଶୁଣାଇଥିଲେ । ପ୍ରଭାବିତ ୱାର୍ଡ ଗୁଡିକ ପୁରୀ ପୌରପରିଷଦ ଅଧିନସ୍ଥ ପୁରୀ ତହସିଲ ଅନ୍ତର୍ଗତ ଅଟେ । ଏହା ଶ୍ରୀ ଜଗନ୍ନାଥ ମନ୍ଦିର ମେଘନାଦ ପାଚେରୀରୁ ୭୫ ମିଟର ପରିଧି ମଧ୍ୟରେ ଅବସ୍ଥିତ । ବିସ୍ଥାପିତ ହେବାକୁ ଥିବା ଅଧିବାସୀମାନେ ମୁଖ୍ୟତଃ ସାଧାରଣ ବର୍ଗ ଓ ଅନ୍ୟାନ୍ୟ ପଛୁଆ ବର୍ଗର ଅଟନ୍ତି । ମୋଟ ୪୪୦ ପରିବାର ଏହି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇ ବିସ୍ଥାପିତ ହେଉଛନ୍ତି ଓ ୫୦ ପରିବାର ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇ ବିସ୍ଥାପିତ ହେଉନଥିବାର ତଥ୍ୟ ସାମାଜିକ ପ୍ରବାହ ଆକଳନ ବିବରଣୀରୁ ଜଣାଯାଏ ।

ଡ:ରବୀନ୍ଦ୍ରନାଥ ମିଶ୍ର ସଭ୍ୟ ତଥା ସାମାଜିକ ବିଶେଷଜ୍ଞ ଜାଣିବାକୁ ଚାହିଁଥିଲେ ଯେ ବାକିଥିବା ୩୭ ଗୋଟି ବେସରକାରୀ ପ୍ଲଟ ପାଇଁ କାହିଁକି ସିଧାସଳଖ କିଣାଯାଇ ପାରିଲାନାହିଁ । ଉତ୍ତରରେ ଭୂମିଅଧିଗ୍ରହଣ ଅଧିକାରୀ ଗୃହକୁ ଜଣାଇଲେ ଯେ କିଛି ପ୍ଲଟ ଘରୋଇ କଳହ ଯୋଗୁ ନ୍ୟାୟାଳୟର ବିଚାରାଧୀନ ଅଛି ଏବଂ ଅନ୍ୟ କିଛି ପ୍ଲଟର ମାଲିକମାନେ ଜମି ଅଧିଗ୍ରହଣରୁ ଅଧିକ କ୍ଷତିପୂରଣ ପାଇବା ଆଶାରେ ସରକାରଙ୍କୁ ସିଧାସଳଖ ଭାବରେ ବିକ୍ରି କରିଲେ ନାହିଁ । ଏହି ପରିପ୍ରେକ୍ଷୀରେ ଡ:ରବୀନ୍ଦ୍ରନାଥ ମିଶ୍ର, ଶ୍ରୀ ଜଗନ୍ନାଥ ମନ୍ଦିର ନିକଟସ୍ଥ ସାହିମାନଙ୍କର ରାସ୍ତାକୁ ସୁବନ୍ଦୋବସ୍ତ କରିବାପାଇଁ ଉପଦେଶ ଦେଲେ ।

ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର, ଅଧ୍ୟକ୍ଷ- ତଥା ବୈଷୟିକ ବିଶେଷଜ୍ଞ ସରକାରଙ୍କ ଦ୍ୱାରା ଘୋଷିତ ଥଇଥାନ ଓ ବିସ୍ଥାପନ ପ୍ୟାକେଜର ଆଧାର ବିଷୟରେ ଜାଣିବାକୁ ଚାହିଁଥିଲେ । ଉତ୍ତରରେ ଭୂମିଅଧିଗ୍ରହଣ ଅଧିକାରୀ ଗୃହକୁ ଜଣାଇଲେ ଯେ ପ୍ରକଳ୍ପ ପାଇଁ ଘୋଷିତ ଥଇଥାନ ଓ ବିସ୍ଥାପନ ପ୍ୟାକେଜର ଆଧାର ଥଇଥାନ ଓ ବିସ୍ଥାପନ ନୀତି ୨୦୦୬ ଓ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ଅଟେ । ଏହି ପ୍ରକଳ୍ପ ପାଇଁ କାର୍ଯ୍ୟକାରୀ ହେଉଥିବା ଥଇଥାନ ଓ ପୁନର୍ବାସ ନିତୀ ଅନ୍ୟାନ୍ୟ ସମସ୍ତ ପ୍ରକଳ୍ପଠାରୁ ଉନ୍ନତ ଅଟେ । ଅନ୍ୟାନ୍ୟ ପ୍ରକଳ୍ପରେ ବିସ୍ଥାପିତମାନଙ୍କୁ ବିସ୍ଥାପିତ ରାଶି ୮ ଲକ୍ଷ ଦିଆଯାଉଥିବା ବେଳେ ଏହି ପ୍ରକଳ୍ପରେ ୩୦ ଲକ୍ଷ ଦିଆଯାଉଅଛି । ସମସ୍ତ ବିଶେଷଜ୍ଞ ସଭ୍ୟ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ଉପନୀତ ହେଲେ ଯେ ପ୍ରକଳ୍ପ ପାଇଁ ଘୋଷିତ ଥଇଥାନ ଓ ବିସ୍ଥାପନ ପ୍ୟାକେଜ ଥଇଥାନ ଓ ବିସ୍ଥାପନ କ୍ଷେତ୍ରରେ ଦେଶରେ ସର୍ବୋତ୍ତମ ଅଟେ ।

ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ, ସାମାଜିକ ବିଶେଷଜ୍ଞ ଜାଣିବାକୁ ଚାହିଁଥିଲେ ଯେ କେଉଁ ଆଧାରରେ ବିସ୍ଥାପିତ ଲଜ୍ ମାଲିକମାନଙ୍କୁ ଥଇଥାନ ଓ ବିସ୍ଥାପନ ପ୍ଲଟ ପ୍ରଦାନ କରାଯାଉଅଛି । ଏହାସହିତ ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ପ୍ରକଳ୍ପ ନିକଟସ୍ଥ ସ୍ଥାନରେ କରିବା ପାଇଁ ପ୍ରସ୍ତାବ ଦେଲେ । ଏହି ମର୍ମରେ ଶ୍ରୀ ଲିଙ୍ଗରାଜ ପଣ୍ଡା, ଥଇଥାନ ବିଶେଷଜ୍ଞ ଏହି ପ୍ରକଳ୍ପର ଜନଅଭିଯୋଗ ଶୁଣାଣି ଓ ତାହାର ଫଇସଲା ବିଷୟରେ ଜାଣିବାକୁ ଚାହିଁଥିଲେ । ଉତ୍ତରରେ ଭୂମିଅଧିଗ୍ରହଣ ଅଧିକାରୀ ଗୃହକୁ ଲଜର ଥଇଥାନ ଓ ଜନଅଭିଯୋଗ ଶୁଣାଣି ଓ ତାହାର ଫଇସଲା ବିଷୟରେ ଜଣାଇଲେ ।

ପ୍ରଭାବିତ ପ୍ରତ୍ୟକ ୱାର୍ଡର ସମସ୍ୟା ଓ ତାହାର ସମାଧାନ ନିମନ୍ତେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ପରିଶେଷରେ ଆଜିର ବୈଠକରେ ପୌରୋହିତ କରୁଥିବା ବିଶେଷଜ୍ଞ ଦଳର ଅଧକ୍ଷ ଶ୍ରୀଯୁକ୍ତ ବିନ୍ଧେଶ୍ୱର ପାତ୍ର ଏକ ପ୍ରାଞ୍ଜଳ ଅଭିଭାଷଣ ବ୍ୟକ୍ତ କରି, କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଆଇନର ସମୁଚିତ ଧାରାରେ ଉପଯୁକ୍ତ କ୍ଷତିପୂରଣ ଦେଇ ପ୍ରତ୍ୟେକ ପ୍ରଭାବିତ ପରିବାରଙ୍କ ସମସ୍ୟା ଦୂର କରିବା ନିମନ୍ତେ ଭୂ-ଅର୍ଜନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

## <u>ସାମାଜିକ ପ୍ରବାହ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ</u>

ପ୍ରାପ୍ତ ହୋଇଥିବା ଚୂଡାନ୍ତ ସାମାଜିକ ପ୍ରବାହ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପର ସଂପୂର୍ଣ୍ଣ ଡିଜାଇନ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣର ପ୍ରତିକୂଳ ପ୍ରଭାବକୁ ଯଥେଷ୍ଟ କମ୍ କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ଯେ ବିଚାରପତି ବି.ପି ଦାସ କମିଶନ ସୁପାରିଶ କରିଥିବା ୭୫ ମିଟର ସୁରକ୍ଷା ବଳୟ ପାଇଁ ସର୍ବନିମ୍ନ ଜମି ଅଧିଗ୍ରହଣ ହେଉଅଛି । ଯେହେତୁ ୭୫ ମିଟର ସୁରକ୍ଷା ବଳୟ ଶ୍ରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ନିର୍ମାଣ ହେବାର ଅଛି । ଅଧିକୃତ ହେଉଥିବା ଜମି ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ଜମି ଅଧିଗ୍ରହଣ ଯୋଗ୍ୟ ନୁହେଁ । ଯେପରି ସର୍ବନିମ୍ନ ଜନବସତି ବିସ୍ଥାପନ ହେବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି, ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧-କ୍ଷତିଗ୍ରସ୍ତ ପରିବାରମାନେ ହରାଉଥିବା ଜମିର ସଠିକ୍ କ୍ଷତିପୂରଣ ପାଇବା ନିମନ୍ତେ ଆବଶ୍ୟକ ସ୍ୱତ୍ୱଲିପି ପ୍ରସ୍ତୁତ କରିବାପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ବକେୟା ଥିବା ମୋକଦ୍ଦମା ମାନ ତୁରନ୍ତ ଫଏସଲା କରିବାପାଇଁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଅନୁରୋଧ କରାଯାଉ ।

୨- ବିସ୍ଥାପିତ ପରିବାର ଓ ଲଜ୍ ମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ କରାଯାଉ ।

୩-ଏହି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେଉଥିବା ଉଠାଦୋକାନୀମାନଙ୍କୁ ଉଚିତ ଥଇଥାନ କରାଯାଉ ।

ଶ୍ରୀ ଜଗନ୍ନାଥ ମନ୍ଦିର ସୁରକ୍ଷା ବଳୟ ଉନ୍ନତି କରଣ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଭକ୍ତ ଓ ପର୍ଯ୍ୟଟକ ମାନଙ୍କର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସୁଗମ ହୋଇପାରିବ । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତି ଥିବା ସୁରକ୍ଷା ସମ୍ବନ୍ଧୀୟ ବିପତ୍ତିକୁ ସହଜରେ ପ୍ରତିହତ କରାଯାଇ ପାରିବ । ରଥଯାତ୍ରା ଓ ଅନାନ୍ୟ ସ୍ୱତନ୍ତ୍ର ପୂଜାରେ ଭକ୍ତଙ୍କ ଭିଡକୁ ସୁ ବନ୍ଦୋବସ୍ତ କରାଯାଇ ପାରିବ । ଭିଡ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନି ନିର୍ବାହକ ଯାନ ସହଜରେ ଚଳପ୍ରଚଳ କରାଯାଇପାରିବ । ସର୍ବୋପରୀ ପୁରୀ ସହରକୁ ଏହି ପ୍ରକଳ୍ପଟି ଓଡିଶାର ସଂସ୍କୃତିକ ପ୍ରାଣକେନ୍ଦ୍ରରେ ପରିଣତ କରି ସାମାଜିକ ଓ ଅର୍ଥନୈତିକ ଉନ୍ନତି କରାଇପାରିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବି ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣା କରିବା ପାଇଁ ନିଷ୍ପତି ନିଆଯାଇଥିଲା ।

ସଭାଶେଷରେ ଆବାହକ ସଦସ୍ୟ ତଥା ଉପ-ଜିଲ୍ଲାପାଳ, ପୁରୀ ଉପସ୍ଥିତ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପୂର୍ବକ ସଭା ସାଙ୍ଗ ହୋଇଥିଲା ।

୨୧.୧୦.୨୦୨୦

ଅଧକ୍ଷ

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ

ସଭ୍ୟ

୧. ଶ୍ରୀଯୁକ୍ତ ଭବତାରଣ ସାହୁ

୨. ଡ: ରବୀନ୍ଦ୍ର ନାଥ ମିଶ୍ର

୩ ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ 21.X.2020

୪. ଶ୍ରୀ ଲମ୍ବୋଧର ସାହୁ Lambodar Sahu

୫. ଶ୍ରୀ ଲିଙ୍ଗରାଜ ପଣ୍ଡା 21.X.2020

୬. ଶ୍ରୀ ବୃନ୍ଦାବନ ପତି 21/X/20

୭. ଶ୍ରୀ ସ୍ୱାଧୀନ କୁମାର ନାୟକ 21/10/2020